## ଗହଣା ସଫା କରିବା ଆଳରେ ଲୁଟ୍

ଉଦଳା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଉଦଳା ଏନ୍ଏସି ଅଧୀନ ୫ ନଂ. ୱାର୍ଡର ଜଣେ ମହିଳାଙ୍କଠାରୁ ଦେଢ଼ ଲକ୍ଷ ଟଙ୍କା ମୂଲ୍ୟର ଗହଣା ଲୁଟ୍ ହୋଇଛି। ଦୁଇ ଦୁର୍ବୃତ୍ତ ତାଙ୍କ ଘରକୁ ଆସି ଗହଣା ସଫା କରିବା ଆଳରେ ଏହି ଲୁଟ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।



## ସଂକ୍ଷେପରେ

### ନବବିବାହିତାଙ୍କୁ ହତ୍ୟା ଅଭିଯୋଗ

ରାଇରଙ୍ଗପୁର,୧୯।୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଗୋରୁ ମହିଷାଣୀ ଥାନା ଅଧୀନ ନିରୁଡ଼ି ଗ୍ରାମର ଜଣେ ନବ ବିବାହିତାଙ୍କୁ ହତ୍ୟା କରାଯାଇଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୩/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ମୃତ ମହିଳା ହେଲେ ମୁଟକୀ ଦେହୁରୀ।

ପୋଲିସ ସୂଚନା ଅନୁଯାୟୀ, ବଡ଼ବାଣ୍ଟା ଗ୍ରାମର ତାରା ଦେହୁରୀଙ୍କ ଝିଅ ମୁଟକୀ ୪ ମାସ ତଳେ ନିରୁଡ଼ି ଗ୍ରାମର ଗୁରୁବା ଦେହୁରୀଙ୍କୁ ବିବାହ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରୁ ମୁଟକୀ ଶାଶୁ ଘରୁ ନିଖୋଜ ଥିବା ବେଳେ ବୁଧବାର ଅପରାହ୍ଣରେ ଗାଁ ପାଖ ବିଲ ମଝିରେ ଥିବା ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ରାଇରଙ୍ଗପୁର ଏସ୍‌ଡିପିଓ ରତିକାନ୍ତ ଗିରି ଓ ଥାନାଧିକାରୀ ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ଋଣ ପାଇବାକୁ ଯାଇ ଠକାମିର ଶିକାର ହେଲେ ଫାର୍ମାସିଷ୍ଟ

କେନ୍ଦୁଝର, ୧୯।୧ (ସ୍ୱ.ପ୍ର.): ମୋବାଇଲରେ ଥିବା ଏକ ଲୋନ ଆପରେ ଲୋଭନୀୟ ଅଫର ପାଇ ଜଣେ ବ୍ୟକ୍ତି ଠକାମୀର ଶୀକାର ହୋଇଥିବା ଅଭିଯୋଗ ହୋଇଛି । ସେ ହେଉଛନ୍ତି ଜଣେ ଫାର୍ମାଶିଷ୍ଟ। ତାଙ୍କ ନାମ ମନୋରଞ୍ଜନ ମହାନ୍ତ । ଉକ୍ତ ଆପ ସୁବିଧାରେ ଋଣ ପାଇବା ନେଇ ଅଫର ଆସିଥିଲା । ଏଣୁ ସେ ଉକ୍ତ ଆପ ମାଧମରେ ଋଣ ପାଇବାକୁ ଆବେଦନ କରିଥିଲେ। ଗତ ୧୪ ତାରିଖରେ ସେ ଜିଏସଟି, ଇନସ୍ୟୁରାନ୍ସ, ଟିଡିଏସ ବାବଦକୁ ଥର ଥର କରି ଫୋନ ପେ ମାଧମରେ ୬୬,୭୪୮ ଟଙ୍କା ଜମା କରିଥିଲେ ବୋଲି ଅଭିଯୋଗ ହୋଇଛି । ଏହା ପରେ ଋଣ ନ ମିଳିବାରୁ ତାଙ୍କର ସନ୍ଦେହ ହେଲା। ସେ ସାଇବର ଠକେଇ ହୋଇଥିବା ଜାଣିବା ପରେ କେନ୍ଦୁଝର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଖୋଲିଥିବା ସାଇବର ଥନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ସାଇବର ଥାନାରେ ଏକ ମାମଲା (ନଂ.୧୬/୨୨) ରୁଜୁ ହୋଇଥିବା ଇନ୍ସପେକ୍ଟର ପି.କେ.ସାହୁ ପ୍ରକାଶ କରିଛନ୍ତି।

### ପଞ୍ଚାୟତ ନିର୍ବାଚନ ସଂରକ୍ଷଣରେ ଅସଙ୍ଗତି ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍

ଜଳେଶ୍ୱର, ୧୯।୧(ଡି.ଏନ.ଏ.)-ଚଳିତ ପଞ୍ଚାୟତ ନିର୍ବାଚନରେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ୩ ପଞ୍ଚାୟତରେ ସରପଞ୍ଚ ପଦବୀ ଲାଗି ଅନୁସୂଚିତ ଜନଜାତିଙ୍କୁ ସଂରକ୍ଷଣ ଦେବା କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଜଳେଶ୍ୱର ଆଦିବାସୀ ମହାମଞ୍ଚ ପକ୍ଷରୁ ୪ଜଣ ନେତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ବୁଧବାର ହାଇକୋର୍ଟ ଏହାର ଶୁଣାଣି କରି ରାଜ୍ୟ ସରକାରଙ୍କୁ କୈଫିୟତ ତଲବ କରିଛନ୍ତି । ଅଦାଲତ ଦ୍ୱାରସ୍ଥ ହୋଇଥିବା ୪ ନେତା ହେଲେ ରାମଚନ୍ଦ୍ର ହେମ୍ବ୍ରମ, ଉଦୟ ମୁର୍ମୁ, ମଙ୍ଗଲ ମାଣ୍ଡି, ଓ କେଲାରାମ ହେମ୍ବ୍ରମ। ରାଜ୍ୟ ସରକାର ଏହାର ଉତ୍ତର ଦେଲାପରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଣାଯାଇଛି।

### ବାଚୁ ହାଟିଂରେ ରେଳ ରହଣି ପାଇଁ ପରୀକ୍ଷଣ

ଯୋଡ଼ା,୧୯।୧(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ସହରର ବାଂଶପାଣି ରେଳ ଷ୍ଟେସନ ସହର ଠାରୁ ଦୂରରେ ଥିବାରୁ ଏବଂ ଖଣିଜ ବୋଝେଇ ଭାରିଯାନ ଚଳାଚଳ ହେତୁ ଟ୍ରାଫିକ ସମସ୍ୟା ହେଉଥିବାରୁ ଚମ୍ପୁଆ ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକ ଏ ନେଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ପ୍ରଧାନ ଏ ନେଇ ରେଳ ମନ୍ତ୍ରୀ ଅଶିନୀ ବୈଷ୍ଣବଙ୍କୁ ଚିଠି ମାଧମରେ ଗତ ତା ୧୨।୦୮।୨୦୨୧ରିଖରେ ପ୍ରସ୍ତାବ ଦେଇଥିଲେ । ଏ ସଂକ୍ରାନ୍ତରେ ରେଳ ମନ୍ତ୍ରୀ ବୈଷ୍ଣବ ତା ୨୮।୧୨।୨୦୨୧ରିଖରେ ଚିଠି ମାଧମରେ ବାଚୁ ହାଟିଂ ଠାରେ ରେଳ ରହଣି ନିମନ୍ତେ ଆବଶ୍ୟକ ପଡ଼ିଥିବା ରେଳବାଇ ଅପରେସନ, ଏହାର ଇଞ୍ଜିନିୟରିଙ୍ଗ ଓ ଫାଇନାନ୍ସିଆଲ ଅବସ୍ଥିତିକୁ ଦକ୍ଷିଣ-ପୂର୍ବ ରେଳପଥ ପକ୍ଷରୁ ଅନୁଧାନ କରି ପରୀକ୍ଷଣ ଆରମ୍ଭ କରାଯାଇଥିବା ସୂଚନା ଦେଇଛନ୍ତି। ବୈଷୟିକ କାର୍ଯ୍ୟକାରିତା ଓ ଆର୍ଥିକ ଯଥାର୍ଥତା କୁ ଦୃଷ୍ଟି ରେ ରଖି ଆଗାମୀ ଦିନରେ ଏହାର ନିଷ୍ପତ୍ତି ନିଆଯିବ ବୋଲି କେନ୍ଦ୍ର ମନ୍ତ୍ରୀ ବୈଷ୍ଣବ ଚିଠିରେ ଉଲ୍ଲେଖ କରିଛନ୍ତି।

# ବିବାହ ପାଇଁ ଚାଲି ଚାଲି ଯାଆନ୍ତି ବରକନ୍ୟା

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୧୯।୧

ବାଲେଶ୍ୱର ଜିଲା ରେମୁଣା ବ୍ଲକ ବଡ଼ପାଳ ପଞ୍ଚାୟତ ମଧ ଦେଇ ପ୍ରବାହିତ ଗଙ୍ଗାହାର ନଦୀ ଅଞ୍ଚଳବାସୀଙ୍କ ଗମନାଗମନରେ ବାଧକ ସାଜିଛି। କାହିଁ କେଉଁ ଆବାହମାନ କାଳରୁ ବରବାଙ୍କ ଗ୍ରାମର ଶତାଧିକ ପରିବାର ନଦୀ ଉପରେ ଏକ ବାଉଁଶ ପୋଲ ନିର୍ମାଣ କରି ଯା'ଆସ କରୁଛନ୍ତି। ବର୍ଷାଦିନେ ସେମାନଙ୍କୁ ଜଳବନ୍ଦୀରେ ରହିବାକୁ ପଡ଼ିଥାଏ। ରାଜନେତା, ପ୍ରଶାସନିକ ଅଧିକାରୀଙ୍କ ଇଚ୍ଛାଶକ୍ତି ଅଭାବରୁ ନଦୀ ଉପରେ ପୋଲ ନିର୍ମାଣ ହୋଇପାରୁ ନ ଥିବାରୁ ଗ୍ରାମବାସୀ ଦୁର୍ଦ୍ଦଶାରେ କାଳ କାଟୁଛନ୍ତି। ଏପରିକି ଗ୍ରାମରେ ବିବାହ ଉତ୍ସବ ଅନୁଷ୍ଠିତ ହେଲେ ଯାନବାହନ ଯାଇ ପାରୁ ନ ଥିବାରୁ ବର କନ୍ୟା ଚାଲି ଚାଲି ଯାଇଥାନ୍ତି। ନିର୍ବାଚନ ପୂର୍ବରୁ ନେତାମାନେ ପୋଲ ନିର୍ମାଣର ପ୍ରତିଶ୍ରୁତି ଦେଇ ପରେ ଏହାକୁ ଭୁଲି ଯାଆନ୍ତି। ଅନେକ ସମୟରେ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ, ଆନ୍ଦୋଳନ ଓ ବିକ୍ଷୋଭ କରାଯାଇଛି। କୌଣସି ସୁଫଳ ମିଳିନାହିଁ। ପୋଲ ସମସ୍ୟା ନ ସୁଧୁରିଲେ ଆସନ୍ତା ପଞ୍ଚାୟତ ନିର୍ବାଚନ ବର୍ଜନ ପାଇଁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ମୌଳିକ ସୁବିଧା ପାଇବା ପାଇଁ ୧୦୦ରୁ ଉର୍ଦ୍ଧ୍ୱ ପରିବାର ବହୁତ ହଇରାଣ ହେଉଛନ୍ତି। ରାସ୍ତା ଓ ପାଣି ସମସ୍ୟା ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ବନ୍ୟା ହେଲେ ଗ୍ରାମବାସୀ ଦିନ ଦିନ ଧରି ଜଳବନ୍ଦୀ ହୋଇ ରହୁଛନ୍ତି। ଘରୁ ପଦାକୁ ବାହାରିବା ଠପ୍ ହୋଇଯାଏ। ବଜାରକୁ ଆସିବା ପାଇଁ ପାଣି ଭିତରେ ପଶି ଆସିବାକୁ ପଡ଼େ। ଗଙ୍ଗାହାର ନଦୀ ପାଖରେ ରହିଥିବା ଏହି ଉପାନ୍ତ ଗାଁକୁ ଆମ୍ବୁଲାନ୍ସ ଯାଇପାରେ ନାହିଁ । ଫଳରେ ରୋଗୀଙ୍କୁ ଖଟିଆରେ ବୋହି ଆଣିବାକୁ ପଡ଼ିଥାଏ। ବର୍ଷା କିମ୍ବା ବନ୍ୟା ସମୟରେ ପିଲାମାନେ ସ୍କୁଲକୁ ଯିବା ସମ୍ଭବପର ହୁଏନାହିଁ। ବନ୍ୟା ପାଣିରେ ଅଧିକାଂଶ ନଳକୂଅ ବୁଡ଼ିଯାଏ। ପିଇବା ପାଣି ପାଇଁ ଗ୍ରାମବାସୀ ଭାରି କଲବଲ ହୁଅନ୍ତି। ଗାଁରେ କାହାର ଝିଅ ବାହାଘର ହେଲେ


ବରବାଙ୍କ ଗ୍ରାମକୁ ଯିବାକୁ ଥିବା ବାଉଁଶ ପୋଲ।

ପୋଲ ଆରପଟ ଥିବା କାକବରେଇ ଗାଁରେ ଗାଡ଼ି ରଖି ବର ଓ ବରଯାତ୍ରୀ ଚାଲି ଚାଲି ଆସିଥାନ୍ତି। ଗାଁକୁ ରାସ୍ତା ଓ ନଦୀ ଉପରେ ପୋଲ ନିର୍ମାଣ ପାଇଁ ରାଜନେତାଙ୍କ ଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରିଛନ୍ତି ଗ୍ରାମବାସୀ। ହେଲେ ବିଡ଼ମ୍ବନା, କେହି ଗୁରୁତ୍ୱ ଦେଇନାହାନ୍ତି। ଶେଷରେ ଭାଗ୍ୟକୁ ଆଦରି ନଦୀ ଉପରେ ନିଜସ୍ୱ ଶ୍ରମଦାନ ଓ ଟଙ୍କା ଖର୍ଚ୍ଚ କରି ବାଉଁଶ ପୋଲ ତିଆରି କରିଛନ୍ତି ଗ୍ରାମବାସୀ। ସେପଟେ ନଦୀବନ୍ଧରେ ପଥରପ୍ୟାକିଂ କରାଯାଇ ନ ଥିବାରୁ ଅତଡ଼ା ଧସିବା ସହ କୂଳ ଖାଉଛି। ଗ୍ରାମବାସୀଙ୍କ ପାଇଁ ବର୍ତ୍ତମାନ ଏହା ବଡ଼ ବିପଦ ସାଜିଛି। ଏପରି ପରିସ୍ଥିତିରେ ୫ରୁ ୭ପରିବାର ଗ୍ରାମ ଛାଡ଼ି ଅନ୍ୟତ୍ର ବସବାସ କରିଲେଣି। ଏପରି ହେଲେ ଆଗାମୀ ଦିନରେ ଉକ୍ତ ଗ୍ରାମ ଜନଶୂନ୍ୟ ହେବାର ଆଶଙ୍କା ଦେଖାଦେଇଛି। ଏହାର ପ୍ରତିବାଦରେ ଆଗାମୀ ପଞ୍ଚାୟତ ନିର୍ବାଚନ ବର୍ଜନ କରିବେ ବୋଲି ଗ୍ରାମବାସୀ ପ୍ରଭାକର

■୪ମାସ ଜଳବନ୍ଦୀ, ୮ ମାସ ବାଉଁଶପୋଲ
■ସମସ୍ୟା ନ ସୁଧୁରିଲେ ଭୋଟ୍ ବର୍ଜନ ଚେତାବନୀ

ପ୍ରଧାନ, ସନ୍ତୋଷ ସାନ୍ତରା, ମଧୁ ପ୍ରଧାନ, ଅରୁଣ ପ୍ରଧାନ, ବାବୁଲି ସାନ୍ତରା, ରଘୁନାଥ ପ୍ରଧାନ, ଗଜେନ୍ଦ୍ର ଜେନା, ରମାକାନ୍ତ ଜେନା, ବୃନ୍ଦାବନ ଜେନା, ଚୈତନ୍ୟ ସାନ୍ତରା, ହରିଶ୍ଚନ୍ଦ୍ର ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।

ଏନେଇ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା କହନ୍ତି, ଗତ ୬ମାସ ପୂର୍ବରୁ ହୋଇଥିବା ଜିଲା ପରିଷଦ ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଉକ୍ତ ଅଞ୍ଚଳକୁ ସାମିଲ୍ କରାଯାଇଛି। ଗୁଡ୍‌ଦା ପଞ୍ଚାୟତରୁ ଗଣ୍ଡର୍ଦା, କାନପୁର, ବରବାଙ୍କରୁ ପଦ୍ମପୁର ଦେଇ ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣ ହେଲେ ବରବାଙ୍କ ପୋଲ ନିର୍ମାଣ ହେବ। ଚଳିତବର୍ଷ ସୁଦ୍ଧା ପୋଲ ନିର୍ମାଣ କାର୍ଯ୍ୟ ହେବା ନେଇ ପ୍ରକାଶ କରିଛନ୍ତି।

### ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

ବାରିପଦା ଅଫିସ,୧୯।୧

ଡାହାଣୀ ସନ୍ଦେହରେ ହତ୍ୟା ମାମଲାର ବିଚାର କରି ମୟୂରଭଞ୍ଜ ଜିଲା ବାରିପଦା ଅତିରିକ୍ତ ଜିଲା ଓ ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ଦୋଷୀଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହାସହ ୫ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଦୋଷୀ ହେଲେ ବୈଶିଙ୍ଗା ଥାନା ଅଙ୍ଗାରୁଆ ରାଇପେଟା ଗ୍ରାମର କନ୍ଦା ମାଝି (୩୨) । କନ୍ଦାଙ୍କ ସ୍ତ୍ରୀର ଦେହ ଅସୁସ୍ଥ ହେବାରୁ ସେ ସେହି ଗ୍ରାମର ଶ୍ରୀମତୀ ମାରାଣ୍ଡିଙ୍କୁ ଡାହାଣୀ ବୋଲି ସନ୍ଦେହ କରି କଟୁରିରେ ତାଙ୍କୁ ହାଣି ହତ୍ୟା କରିଥିଲେ। ୨୦୧୪ ଡିସେମ୍ବର ୧୪ରେ ଏହି ଘଟଣା ଘଟିଥିଲା। ମୃତାଙ୍କ ସ୍ୱାମୀ ଶାମା ମାରାଣ୍ଡିଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରୀ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ ମାମଲା ପରିଚାଳନା କରୁଥିଲେ ।

### ଆସିପାରିଲାନି ଆମ୍ବୁଲାନ୍ସ ଚାଲିଗଲା ବୃଦ୍ଧଙ୍କ ଜୀବନ

ପାଟଣା,୧୯।୧(ସ୍ୱ. ପ୍ର.)

ଗାଁକୁ ଭଲ ରାସ୍ତା ନଥିବାରୁ ଜଣେ ବୃଦ୍ଧଙ୍କୁ ଆମ୍ବୁଲାନ୍ସ ଯାଇ ଆଣି ନ ପାରିବାରୁ ଷ୍ଟ୍ରେଚରରେ ବୁହା ହୋଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଅଣାଯାଇଥିଲା। ବିଳମ୍ବରେ ଚିକିତ୍ସାଳୟରେ ପହଞ୍ଚିବାରୁ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି ବୋଲି ତାଙ୍କ ପୁଅ ଅଭିଯୋଗ କରିଛନ୍ତି। ମୃତକ ହେଲେ ସାହାରପଡ଼ା ବ୍ଲକ ସିଲିପଦା ପଞ୍ଚାୟତ ପାତ୍ର ସାହିର ବୈରାଗୀ ପାତ୍ର। ସୂଚନା ଅନୁଯାୟୀ, ବୈରାଗୀ ରାତିରେ ପେଟ ଯନ୍ତ୍ରଣା ସହ୍ୟ କରି ନ ଥିଲେ। ତାଙ୍କ ଦିବ୍ୟାଙ୍ଗ ପୁଅ ସୁନୀଲ ଗାଁ ଯୁବକଙ୍କ ସହାୟତାରେ ଆମ୍ବୁଲାନ୍ସକୁ ଡାକିଥିଲେ। ହେଲେ ରାସ୍ତା ଖରାପ ଥିବାରୁ ସାହି ଭିତରକୁ ଆମ୍ବୁଲାନ୍ସ ପଶି ପାରି ନଥିଲା। ୫ଶହ ମିଟରରୁ ଉର୍ଦ୍ଧ୍ୱ ରାସ୍ତା ଷ୍ଟ୍ରେଚରରେ ବୋହି ତାଙ୍କୁ ଜିଲା ମୁଖ୍ୟାଳୟ ସ୍ଥାନାନ୍ତର କରାଯାଇଥିଲା।

## ପ୍ଲାଣ୍ଟରେ ଶ୍ରମିକ ମୃତ୍ୟୁ ଘଟଣାର ତଦନ୍ତ

କେନ୍ଦୁଝର, ୧୯।୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଲାଣି ଥାନା ଅନ୍ତର୍ଗତ ଧର୍ନୁଜୟପୁର ସ୍ଥିତ ଏକ ପ୍ଲାଣ୍ଟରେ ଜଣେ ଶ୍ରମିକ ମୃତ୍ୟୁବରଣ କରିବା ଘଟଣାରେ କେନ୍ଦୁଝର ମଣ୍ଡଳ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ କେଦାରନାଥ ହାଁସଦା ସୋମବାର କାରଖାନାକୁ ଯାଇ ତଦନ୍ତ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ, ଗତ ୮ ତାରିଖରେ କୋହ୍ଲପାଣ୍ଟୁଲ ଗ୍ରାମର ଦେଶ ମୁଣ୍ଡା (୩୦) ଡ୍ୟୁଟି ସାରି ପ୍ରବଳ ଥଣ୍ଡା ଯୋଗୁ ଅନ୍ୟ କେତେଜଣ ଶ୍ରମିକଙ୍କ ସହ କାରଖାନା ଭିତରେ ନିଆଁରେ ସେକି ହେଉଥିଲେ। ନିଆଁରେ ସେକି ହେଉଥିବାବେଳେ ଦେଶ ନିଆଁରେ ପୋଡି ହୋଇ ମୃତ୍ୟୁବରଣ କରିଥିଲେ। ତେବେ ଘଟଣା ସମୟରେ ପାଖରେ ଥିବା ୫/୬ଜଣ କାହିଁକି ତାଙ୍କୁ ଉଦ୍ଧାର ନ କରି ଧାଇଁ ପଳାଇଥିଲେ ସେ ନେଇ ସନ୍ଦେହ ଦେଖାଦେଇଛି। ପୋଲିସ ଏହାର ସବିଶେଷ ତଦନ୍ତ ନ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିଥିବା ତାଙ୍କ ପରିବାର ଲୋକ ଅଭିଯୋଗ କରୁଛନ୍ତି। ଏନେଇ ସହକାରୀ ନିର୍ଦ୍ଦେଶକ କେଦାର ନାଥ ହାଁସଦା କହିଛନ୍ତି, ସେ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି।

## ୨୦୦ ଗ୍ରାମ୍ ବ୍ରାଉନସୁଗାର ଜବତ : ୩ ଯୁବକ ଅଟକ

ଜଳେଶ୍ୱର,୧୯।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ପୋଲିସ ବୁଧବାର ବ୍ରାଉନସୁଗାର କାରବାର ୩ଜ ଣଙ୍କୁ ଅଟକ ରଖିବା ସହିତ ସେମାନଙ୍କଠାରୁ ୨୦୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ବଜାରଶୋଳ ଅଞ୍ଚଳର ରାଜେଶ ବିଶ୍ୱାଳ କେତେଜଣ ଯୁବକମାନଙ୍କ ସହିତ ମିଶି ବିଭିନ୍ନ ସ୍ଥାନରେ ଛେଳି ଓ ମୋଟରସାଇକେଲ ଚୋରି କରୁଥିଲେ। ବୁଧବାର ପୋଲିସ୍ ତାଙ୍କ ନିକଟରୁ ବ୍ରାଉନ୍‌ସୁଗାର ସହ ୫ ମୋବାଇଲ୍ ଓ କିଛି ଟଙ୍କା ମଧ ଜବତ କରିଛି। ରାଜେଶଙ୍କ ବୟାନ ଅନୁଯାୟୀ ଜଳେଶ୍ୱର ଝାଡ଼େଶ୍ୱରପୁର ଅଞ୍ଚଳର ରାମଜାନୀ ଓ ରିଜୁଆନଙ୍କୁ ପୋଲିସ୍ ଅଟକ ରଖି ପଚରାଉଚୁରା କରୁଛି।

## ଫେବୃୟାରୀ ୨୭ରେ ପୋଲିଓ ଅଭିଯାନ

ବାଲେଶ୍ୱର ଅଫିସ,୧୯।୧

ଚଳିତମାସ ୨୩ ତାରିଖରୁ ଆରମ୍ଭ ହେବାକୁ ଥିବା ପଲସ ପୋଲିଓ ଅଭିଯାନର ସମୟ ସୂଚୀରେ ପରିବର୍ତ୍ତନ ହୋଇଛି । ପୂର୍ବରୁ ଜାନୁୟାରୀ ୨୩, ୨୪ ଓ ୨୫ ତାରିଖରେ ଏହା ଆୟୋଜିତ ହେବାକୁ ଥିଲା । ଏବେ ଏଥିରେ ପରିବର୍ତ୍ତନ ହୋଇ ଆସନ୍ତା ଫେବୃଆରୀ ୨୭, ୨୮ ଓ ମାର୍ଚ୍ଚ ୧ ତାରିଖରେ ଏହା କରାଯିବାକୁ ସ୍ଥିରୀକୃତ ହୋଇଛି। ଏନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନ ରାଜ୍ୟ ଶାଖା ପକ୍ଷରୁ ସମସ୍ତ ଜିଲାକୁ ସୂଚନା ଦିଆଯାଇଛି ।

ଫେବୃଆରୀ ୨୭ରେ ବୁଥସ୍ତରରେ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଦିଆଯିବାକୁଥିବା ବେଳେ ଫେବୃଆରୀ ୨୮ ଓ ମାର୍ଚ୍ଚ ୧ ତାରିଖରେ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ପୋଲିଓ ବୁନ୍ଦା ପାଇ ନ ଥିବା ଶିଶୁମାନଙ୍କୁ ଏହା ଖୁଆଇବେ। ଜିଲାର ସମସ୍ତ ବ୍ଲକର ୨ଲକ୍ଷ ୧୨ହଜାର ୪୫୮ଜଣ ଶିଶୁଙ୍କୁ (୦ରୁ ୫ବର୍ଷ) ପୋଲିଓ ବୁନ୍ଦା ଖୁଆଇବା ପାଇଁ ଏଥର ଲକ୍ଷ୍ୟ ରଖାଯାଇଛି। ଏଥିନିମନ୍ତେ ଜିଲାର ବିଭିନ୍ନ ଅଞ୍ଚଳରେ ବୁଥ୍ ସ୍ଥାପନ ସହିତ ସ୍ୱାସ୍ଥ୍ୟକର୍ମୀ (ଏଏନଏମ, ଅଙ୍ଗନୱାଡ଼ି ଓ ଆଶାକର୍ମୀ) ଏବଂ ସୁପରଭାଇଜରଙ୍କୁ ନିୟୋଜିତ କରାଯିବ। ପଲ୍‌ସ ପୋଲିଓ ଅଭିଯାନରେ ନିୟୋଜିତ ହେବାକୁ ଥିବା ସମସ୍ତ ସ୍ୱାସ୍ଥ୍ୟକର୍ମୀ ଓ ଅଧିକାରୀମାନଙ୍କୁ କୋଭିଡ୍-୧୯ ବୁଷ୍ଟର ଡୋଜ୍ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଆଶଙ୍କା ନ ରଖି ମାତାପିତା ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ପୁଣି ଜାତୀୟ ରାଜପଥରେ ଫାଟ

ଆରଡ଼ି, ୧୯।୧ (ଡି.ଏନ.ଏ.)

ଥରେ କି ଦୁଇଥର ନୁହେଁ ଲଗାତର ୭ ବର୍ଷ ହେଲା ୨୦ ନଂ. ଜାତୀୟ ରାଜପଥ ଦବୁଛି। ଯାହାକି ବୈତରଣୀ ନଦୀର ସୁରକ୍ଷା ବନ୍ଧ। ଏଠାରେ ପ୍ରତିବର୍ଷ ରାସ୍ତା ମରାମତି ହେଉଥିଲେ ମଧ ପୁଣି ଉକ୍ତ ନିର୍ଦ୍ଦିଷ୍ଟ ସ୍ଥାନରେ ଧସୁଛି। ଦୁଇବର୍ଷ ତଳେ ଏକ୍ସପର୍ଟ ଟିମ୍ ଏଠାକୁ ଆସି ମୃତ୍ତିକା ପରୀକ୍ଷା କରିବା ସହ ମରାମତି କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇ ଫେରିଥିଲେ। ହେଲେ କିଛି ସୁଫଳ ମିଳି ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଓଲଗ ପଞ୍ଚାୟତ ସାଠିବାଙ୍କୁଡ଼ା ଓ ବୋଡ଼କ ମଝିରେ ଥିବା ଏହି ସୁରକ୍ଷା ବନ୍ଧରେ ବୁଧବାର ୩୦ ଫୁଟ ଲମ୍ବ ଓ ୧ ଫୁଟ ଗଭୀରର ଏକ ଫାଟ ସୃଷ୍ଟି ହୋଇଛି।

୨୦୨୦ରେ ହୋଇଥିବା ବନ୍ୟାରେ ଏଠାରେ ରାସ୍ତା ଦବିଥିଲା। ଗତବର୍ଷ ଠିକାଦାରଙ୍କ ଦ୍ୱାରା ମରାମତି କରାଯାଇଥିଲା। ହେଲେ ବର୍ଷକ ପରେ ରାସ୍ତାରେ ଫାଟ ସୃଷ୍ଟି ହେବାକୁ ସେଇ ସାଧାରଣରେ ଅସନ୍ତୋଷ


ବୋଡ଼କ ନିକଟରେ ୨୦ ନଂ. ଜାତୀୟ ରାଜପଥରେ ଫାଟ ସୃଷ୍ଟି ହୋଇଛି।

ଦେଖାଦେଇଛି। ଆରଡ଼ିରୁ ଯାଜପୁର ଦେଇ କଟକ ଓ ଭୁବନେଶ୍ୱରକୁ ପ୍ରତିଦିନ ବସ୍, ଟ୍ରକ୍, ମିନି ଟ୍ରକ୍ ଆଦି ଯାତାୟାତ କରିଥାଏ। ଏହି ଫାଟ ସୃଷ୍ଟି ହେବା ଫଳରେ ଯାନବାହାନ ଯାତାୟାତରେ ଅସୁବିଧା ହେବାର ଆଶଙ୍କା ରହିଛି। ନିମ୍ନମାନର ମରାମତି ଯୋଗୁ ବାରମ୍ବାର ଏଭଳି ଫାଟ ସୃଷ୍ଟି ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ୨୦୧୫ ଠାରୁ ଏହି ସ୍ଥାନରେ ରାସ୍ତା ବାରମ୍ବାର ଦବିବା ଓ ଧସିବା ଯୋଗୁ ଅଭାବନୀୟ ପରିସ୍ଥିତି ଉପୁଜୁଥିବା ବେଳେ ନିମ୍ନମାନର ମରାମତି କାର୍ଯ୍ୟ ତଦନ୍ତ ସାପେକ୍ଷ ବୋଲି କହିଛନ୍ତି ପୂର୍ବତନ ସରପଞ୍ଚ କିଶୋର ନାୟକ। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଶୁଭସ୍ମିତା ପାଣିଙ୍କୁ ପଚାରିବାରୁ ଉକ୍ତ ସ୍ଥାନରେ ବୈତରଣୀ ନଦୀର ପାଣି ମାଡ଼ ହେଉଥିବାରୁ ରାସ୍ତା ବାରମ୍ବାର ଧସିବା ସହ ଫାଟ ମଧ ସୃଷ୍ଟି ହେଉଛି। ଏଠାରେ ଆଉ ଏକ ସୁରକ୍ଷା ବନ୍ଧର ଆବଶ୍ୟକତା ରହିଛି। ଏଥିଲାଗି ଅଧିକ ଅର୍ଥ ଆବଶ୍ୟକ ବୋଲି ସେ କହିଛନ୍ତି।

## ମିଲରଙ୍କୁ ଘେରିଲେ ଚାଷୀ

ପଦ୍ମପୁର, ୧୯।୧ (ଡି.ଏନ.ଏ.)

**ଧାନ କଟ୍‌ନୀ ନେଇ ଅସନ୍ତୋଷ**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଲୁଙ୍ଗା ପଞ୍ଚାୟତର ପୁରୁଦା ସେବା ସମବାୟ ସମିତିରେ ଧାନ କଟ୍‌ନୀକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ବୁଧବାର ସେମାନେ ମିଲରଙ୍କୁ ଘେରିଥିଲେ। ପ୍ରକାଶ ଯେ, ଜାନୁୟାରୀ ୫ରୁ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଥିଲା। ଏନେଇ ବାସୁଦେବପୁର ବ୍ଲକର ୨୦ ସେବା ସମବାୟ ସମିତି ଓ ୭ ସ୍ୱୟଂସହାୟକ ଗୋଷ୍ଠୀ ମଣ୍ଡି ଖୋଲି ଚାଷୀଙ୍କଠାରୁ ଧାନ କିଣିବା ପାଇଁ ଜିଲା ଯୋଗାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଧାନ କ୍ରୟ ନିମନ୍ତେ ସହବନ୍ଧିତ ହୋଇଥିବା ମିଲରମାନେ ୮ ପ୍ରତିଶତ ଧାନ କଟ୍‌ନୀ ନ କଲେ କିଣିବେ ନାହିଁ ବୋଲି କହି ଦେଇଥିଲେ। ପୁରୁଦା ସେବା ସମବାୟ ସମିତିରୁ ଧାନ କିଣିବାକୁ ଏକ ମିଲ୍ କର୍ମଚାରୀ ଓ ଆର୍‌ଏମ୍‌ସିର କର୍ମଚାରୀ ଆସିଥିବା ବେଳେ କଟ୍‌ନୀକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରି ମିଲରଙ୍କୁ ଘେରି ଯାଇଥିଲେ। ସରକାର ମନା କରିଥିବା ବେଳେ କେଉଁ ଉଦ୍ଦେଶ୍ୟରେ କଟ୍‌ନୀ କରାଯାଉଛି ବୋଲି ଚାଷୀମାନେ ପ୍ରଶ୍ନ କରିଥିଲେ।

ଏହି ସମିତିରେ ୫୧୧ଜଣ ଚାଷୀ ଅନ୍‌ଲାଇନ ପଞ୍ଜୀକରଣ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୨୮ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଆଗାମୀ ଦିନରେ ଜିଲା ଯୋଗାଣ ବିଭାଗ ଧାନ କଟ୍‌ନୀ ବାବଦରେ କୌଣସି ପଦକ୍ଷେପ ନ ନେଲେ ଆନ୍ଦୋଳନ କରିବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

### ୨ଜଣଙ୍କଠାରୁ ଝାମ୍ପିନେଲେ ୩ଲକ୍ଷ

ସଜନାଗଡ଼, ୧୯।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ପୁଣି କଳା ପଲସର ଆତଙ୍କ ଦେଖାଦେଇଛି। ବୁଧବାର ଅପରାହ୍ଣରେ ନୀଳଗିରି ଥାନା ଅଧୀନ ଦୁଇଟି ପୃଥକ ସ୍ଥାନରୁ ଦୁର୍ବୃତ୍ତମାନେ ୩ଲକ୍ଷ ୩୦ହଜାର ଝାମ୍ପି ନେଇଛନ୍ତି। ଖବରପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।
ଟଣକା ଅଞ୍ଚଳର ଶ୍ରୀକାନ୍ତ ମଲିକ ୨ଲକ୍ଷ ୩୦ହଜାର ଟଙ୍କା ଜମା କରିବା ପାଇଁ ନୀଳଗିରି ଆସୁଥିଲେ। ପଞ୍ଚଲିଙ୍ଗେଶ୍ୱର ରାସ୍ତାର ପଟାପୋଲଠାରେ ଏକ କଳା ପଲସର ବାଇକରେ ୨ଜଣ ଆସି ଶ୍ରୀକାନ୍ତଙ୍କଠାରୁ ଉକ୍ତ ଟଙ୍କା ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ସେହିପରି ଅଯୋଧ୍ୟା ଗ୍ରାମର ପ୍ରଫୁଲ୍ଲ ଦାସ ୧ ଲକ୍ଷ ଟଙ୍କା ନୀଳଗିରି ଏସ୍‌ବିଆଇରୁ ଉଠାଇ ନିଜ ଘରକୁ ଫେରୁଥିଲେ। ନୀଳଗିରି ଜଗନ୍ନାଥ ମନ୍ଦିର ନିକଟରେ କଳା ପଲସର ବାଇକରେ ୨ଜଣ ଆସି ତାଙ୍କ ଟଙ୍କାକୁ ଝାମ୍ପିନେଇ ଫେରାର ହୋଇଯାଇଥିଲେ।

## ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା

ଭଣ୍ଡାରିପୋଖରୀ, ୧୯।୧ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଷୋଳମପୁର ଅଞ୍ଚଳରେ ମଙ୍ଗଳବାର ରାତିରେ ମାନସୀ ଯେନା ନାମ୍ନୀ ମହିଳାଙ୍କ ତଣ୍ଟି ଚିପି ତାଙ୍କ ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ବୁଧବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ମୃତ ମାନସୀଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ମୃତ ମାନସୀଙ୍କ ଭାଇ ହେମନ୍ତ ଯେନାଙ୍କ ଅଭିଯୋଗ କ୍ରମେ ଥାନାରେ ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ହତ୍ୟା ମାମଲା (ନଂ. ୨୦/୨୨) ରୁଜୁ କରାଯାଇଛି।

## ଶିମିଳିପାଳ ସୁରକ୍ଷା ନେଇ ପଥପ୍ରାନ୍ତ ନାଟକ

ବାଙ୍ଗିରିପୋଷି,୧୯।୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ସ୍ଥିତ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ଶିମିଳିପାଳ ଜୈବ ମଣ୍ଡଳର ସୁରକ୍ଷା ପାଇଁ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀମାନେ ପ୍ରଥମେ ଦିଘି ଗ୍ରାମବାସୀଙ୍କୁ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କରିଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଏବଂ ବାଙ୍ଗିରିପୋଷି ବନ ବିଭାଗର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଚୁଆପାଣି ଗ୍ରାମର ଲୋକମାନଙ୍କୁ ନିରୀହ ପଶୁ ପକ୍ଷୀ ଶିକାରରୁ ନିବୃତ୍ତ ରହିବା, ଜଙ୍ଗଲରେ ନିଆଁ ନ ଲଗାଇବା ସମ୍ପର୍କରେ ସଚେତନ କରିଥିଲେ। ସ୍ୱେଚ୍ଛାସେବୀମାନେ ଗ୍ରାମବାସୀଙ୍କ ସହ ମିଶି ଜଙ୍ଗଲର ସୁରକ୍ଷା ପାଇଁ ଶପଥ ପାଠ କରିଥିଲେ ।

## ସହରରେ ଟ୍ରାଫିକ୍ କଟକଣା କଡ଼ାକଡ଼ି

ବାଲେଶ୍ୱର ଅଫିସ, ୧୯।୧

ବାଲେଶ୍ୱର ଜିଲାରେ ଦୁର୍ଘଟଣା, ଜୀବନହାନି ଏବଂ ଟ୍ରାଫିକ୍ ଜାମ୍ ହ୍ରାସ କରିବା ପାଇଁ ସହରର କେତୋଟି ନିର୍ଦ୍ଦିଷ୍ଟ ରାସ୍ତାରେ ଭାରିଯାନ ଚଳାଚଳ ନେଇ ଜିଲା ପ୍ରଶାସନ ତରଫରୁ କଟକଣା ଲାଗୁ କରାଯାଇଛି। ଆଇଟିଆଇ ଛକରୁ ଭାୟା ବାଲେଶ୍ୱର ବସ୍‌ଷ୍ଟାଣ୍ଡ, ଏଫଏମ୍ ଗୋଲେଇ ଦେଇ ସୁରଜ ହୋଟେଲ ଛକ, ପୋଲିସ ଲାଇନ ଛକରୁ ଭାୟା ଏଫଏମ୍ କଲେଜ ଦେଇ ହେମକାପଦା ଛକ, ଫକୀରମୋହନ ଗୋଲେଇରୁ ଭାୟା ଫାଣ୍ଡି ଛକ, ଚିଡ଼ିଆପୋଲ, ସଦର ମହକୁମା ଡାକ୍ତରଖାନା, ସିନେମା ଛକ ଏବଂ ମୋତିଗଞ୍ଜ ବଜାର ଦେଇ ଟାଉନ ଥାନା, ଷ୍ଟେଶନ ଛକରୁ ଭାୟା ଏଡିଏମ ଛକ, ଜିଲା ସ୍କୁଲ ଦେଇ ପାଣି ଟାଙ୍କି ଛକ, ମିର୍ଜାପୋଖରୀ ଛକରୁ ଭାୟା ମାଣିଖମ୍ଭ ଏବଂ ବାରବାଟୀ ଦେଇ ବୁଢ଼ା କାର୍ତ୍ତିକ ଛକ, ମିର୍ଜାପୋଖରୀରୁ ଭାୟା ଟାଉନହଲ ଏବଂ ସିନେମା ଛକ ଦେଇ ବେବିଲୋନ ଛକ, ଟେକ୍ନିକାଲ ସ୍କୁଲ ଛକରୁ ଭାୟା ଏଡିଏମ ଛକ, ରାଜାବଗିଚା ଦେଇ ନାରୀସଂଘ, ଷ୍ଟେଶନ ଛକରୁ ଭାୟା ନାରୀସଂଘ ଦେଇ ପତୁଆଁପଦା ଛକ, ହରିପୁର ଛକରୁ ଭାୟା ଗଳାପୋଲ, ଦରଜୀପୋଖରୀ, ଚୂନଭାଟି ଦେଇ ମିର୍ଜାପୋଖରୀ ଛକ ପର୍ଯ୍ୟନ୍ତ ରାସ୍ତାଗୁଡ଼ିକରେ ପୂର୍ବାହ୍ଣ ୮ଟା ୩୦ମିନିଟ୍‌ରୁ ରାତି ୧୦ଟା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି ।

ହରିପୁର ପାର୍ଶ୍ୱରୁ ଆସୁଥିବା କେବଳ ଟ୍ରାକ୍ଟର, ମିନିଟ୍ରକ୍‌ଗୁଡ଼ିକୁ ଆନନ୍ଦ ବଜାର, ମାଲଗୋଦାମ, ଭାସ୍କରଗଞ୍ଜ ଛକ, ତେଲେଙ୍ଗା ସାହି ଛକ, ପୋଲିସ ଲାଇନ ଛକ ଦେଇ ଆଇଟିଆଇ ଛକ ଆଡ଼କୁ ଯିବା ଓ ସେହି ସମାନ ରାସ୍ତା ଦେଇ ଫେରିବାକୁ ଅନୁମତି ଦିଆଯିବ। ସେହିପରି ଚାନ୍ଦିପୁର ଅଞ୍ଚଳରେ ସମୁଦ୍ର ବେଳାଭୂମିରେ ଗାଡ଼ିଚାଳନା ଯୋଗୁ ଘଟୁଥିବା ଅଘଟଣକୁ କମାଇବା ପାଇଁ ସୋନପୁର ଛକରୁ ଆରମ୍ଭ କରି ଚାନ୍ଦିପୁର ପାନ୍ଥନିବାସ ପର୍ଯ୍ୟନ୍ତ ଯାନବାହନ ଚାଳନା ନିଷେଧ ଥିବା ଅଞ୍ଚଳରେ କଟକଣା ଲାଗୁ କରାଯାଇଛି। ଅନୁରୂପ ଭାବେ ଯାନବାହାନ ଚଳାଚଳ ପାଇଁ ଉଦ୍ଦିଷ୍ଟ ନ ଥିବା ତାଳସାରୀ ବେଳାଭୂମି ଅଞ୍ଚଳରେ ସମସ୍ତ ପ୍ରକାର ଯାନ ଚଳାଚଳ ଉପରେ କଟକଣା ଲାଗିଛି। ବାଲେଶ୍ୱର ସହରର ଫାଣ୍ଡିଛକ (ସହଦେବଖୁଣ୍ଟା ଥାନା)ରୁ ଆରମ୍ଭ କରି ଚିଡ଼ିଆପୋଲ ପର୍ଯ୍ୟନ୍ତ ମୁଖ୍ୟ ପରିବହନ ରାସ୍ତାରେ ଅବାଧ ଗାଡ଼ି ଚଳାଚଳ ପାଇଁ ଦୁଇଚକିଆ ଯାନ ବ୍ୟତୀତ ସମସ୍ତ ପ୍ରକାର ଯାନର ବେଆଇନ ପାର୍କିଂ ଉପରେ କଟକଣା ଲାଗୁ କରାଯାଇଛି। ଏ ସମସ୍ତ ଯାନ ମିଶନ ପଡ଼ିଆରେ ପାର୍କିଂ କରିବାକୁ କୁହାଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଅନୁମୋଦିତ ଆଦେଶନାମା ଅନୁଯାୟୀ ଗତ ୧୭ ତାରିଖରୁ ଆସନ୍ତା ଫେବୃଆରୀ ୧୫ ତାରିଖ ପର୍ଯ୍ୟନ୍ତ ୩୦ଦିନ ପାଇଁ ଏହି ସମସ୍ତ କଟକଣା ବଳବତ୍ତର ରହିବ।

### ଉଦଳା କଲର୍ସ ଇଲେଭେନ୍ ଚାମ୍ପିୟନ

କପ୍ତିପଦା,୧୯।୧(ଡି.ଏନ.ଏ.): କପ୍ତିପଦା ବ୍ଲକ୍ ବଡ଼ବିଶୋଳ ଧାଇପଡ଼ିଆରେ ବିଶୋଳ ୟୁଥ୍ କ୍ଲବ୍ ଏବଂ ଆଥ୍‌ଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଗଙ୍ଗାଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଡୁକୁରାର ଶୁଭ୍ରଜିତ୍ ଫାଇଟର୍‌କୁ ହରାଇ ଉଦଳା କଲର୍ସ ଇଲେଭେନ୍ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅତିରିକ୍ତ କୃଷି ନିର୍ଦ୍ଦେଶକ ପରେଶ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ବନ ଉନ୍ନୟନ କର୍ମଚାରୀ ବରୋଦାକାନ୍ତ ପାତ୍ର, ପୂର୍ବତନ ସରପଞ୍ଚ ରତିକାନ୍ତ ସୋରେନ୍, ବୀରେନ୍ଦ୍ର ବିନ୍ଧାଣୀ, ରାଜ୍ୟ ପୁରସ୍କୃତ ଶିକ୍ଷକ ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ସହ ୧୦ହଜାର ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ୭ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଦେବରାଜ ସାହୁ, ପ୍ରଭାସ ପୃଷ୍ଟି ଧାରା ବିବରଣୀ ପ୍ରଦାନ କରିଥିଲେ।

